# ଜାତୀୟ ସଡକ ସୁରକ୍ଷା ସପ୍ତାହ



**ନିମାପଡ଼ା, ୧୨।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଜାନୁୟାରୀ ୧୧ରୁ ୧୭ ତାରିଖ ସାରାଦେଶରେ ଜାତୀୟ ସଡକ ସୁରକ୍ଷା ସପ୍ତାହ ପାଳନ କରାଯାଉଥିବା ବେଳେ ନିମାପଡ଼ାରେ ଅତ୍ୟନ୍ତ ଉତ୍ସାହର ସହକାରେ ଏହି କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି । ନିମାପଡ଼ାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୟାସବେରା ନିମାପଡା ୟୁଥ ଟ୍ରଷ୍ଟ ଓ ନିମାପଡା ପୋଲିସର ମିଳିତ ସହଯୋଗରେ ସ୍ଥାନୀୟ ଦୋଳବେଦି ଛକଠାରେ ଏହି କାର୍ଯ୍ୟକ୍ରମ ପାଳନ କରାଯାଇଥିଲା । ଦୁଇଚକିଆ ଯାନପାଇଁ ହେଲମେଟ ଏବଂ ଚାରିଚକିଆ ଓ ଭାରିଯାନପାଇଁ ସିଟ ବେଲ୍ଟ ଲଗାଇଥିବା ଚାଳକମାନଙ୍କୁ ଗୋଲାପ ଫୁଲ ଓ ଚକଲେଟ ଦେଇ ସ୍ୱାଗତ କରାଯାଇଥିଲା । ଏଥିସହ ଗାଡ଼ି ଚାଳକମାନଙ୍କୁ ସଡକ ସୁରକ୍ଷା ବିଷୟରେ ସଚେତନ କରାଯାଇଥିଲା । ନିମାପଡା ଥାନା ଆଇଆଇସି ସମରେନ୍ଦ୍ର ପାଇକରାୟ, ଏଏସଆଇ ଜ୍ୟୋତ୍ସ୍ନାରାଣୀ ସାହୁ, ଚିନ୍ମୟ ବେହେରା ଏବଂ ନିମାପଡା ଥାନାର ୧୦ରୁ ଉର୍ଦ୍ଧ୍ୱ ପୋଲିସ କର୍ମଚାରୀ ଉପସ୍ଥିତ ରହି ସଚେତନତା କାର୍ଯ୍ୟରେ ସାମିଲ ଥିଲେ । ନୟା ସବେରା ୟୁଥ ଟ୍ରଷ୍ଟର ସମ୍ପାଦକ ନିର୍ମଳ ପରିଜାଙ୍କ ସମେତ ଉପଦେଷ୍ଟା ଜୀବନ ଜ୍ୟୋତି ଶତପଥି, ପ୍ରତାପ ସାବୁତ, ନିର୍ମଳ ମିଶ୍ର ଏବଂ ଅନୁଷ୍ଠାନର ସଦସ୍ୟ ପ୍ରଦୀପ ସ୍ୱାଇଁ, ଜିତେଶ କାନୁନଗୋ, ପ୍ରଦୀପ ପତି, ସୋମିତା ଭାଟିଆ, ପ୍ରିୟଦର୍ଶିନୀ ପତି, ଆଲୋକ ସାହୁ, ସତ୍ୟକାନ୍ତ ପ୍ରଧାନ, ତାପସ କୁମାର ସାହୁ, ସରୋଜ କୁମାର ଦାସ, ସୁବାଶିଷ ସ୍ୱାଇଁ, ଶ୍ରଦ୍ଧାଞ୍ଜଳି ଓଝା, ଅମିତ ପରିଜା, ସୁବ୍ରତ ସ୍ୱାଇଁ, ଶୁଭ୍ରାଂଶୁ ଶେଖର ସାହୁ, ଅଲେଖ ସାହୁ, ଅକ୍ଷୟ ମଲିକ, ଦିଲ୍ଲୀପ ସାହୁ ପ୍ରମୁଖ ୩୦ରୁ ଉର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ରହି ଜନସଚେତନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ନୟାସବେରା ଗ୍ରୁପର ଏଭଳି କାର୍ଯ୍ୟକ୍ରମ ପାଇଁ ଅଞ୍ଚଳର ବିଭିନ୍ନ ମହଲରୁ ଧନ୍ୟବାଦ ଅର୍ପଣ କରାଯିବା ସହ ପ୍ରଶଂସାର ସୁଅ ଛୁଟିବାରେ ଲାଗିଛି ।

# ଶିଶିର ମହୋତ୍ସବ

**କେନ୍ଦ୍ରାପଡ଼ା, ୧୨।୧ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମୂର୍ଚ୍ଛନା ଓ ଭଞ୍ଜ କଳା ନିକେତନ ପକ୍ଷରୁ ରାଜ୍ୟସ୍ତରୀୟ ଶିଶିର ମହୋତ୍ସବ ଓ ଯାଜପୁର ଲୋକକଳା ଉତ୍ସବ ଜିଲ୍ଲା ସଂସ୍କୃତି ଭବନରେ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ସଂଗୀତ ନିର୍ଦ୍ଦେଶକ ଦିନେଶ କୁମାର ମଲ୍ଲିକ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଜାତୀୟ ପୁରସ୍କାର ପ୍ରାପ୍ତ ସଂଗୀତ ନିର୍ଦ୍ଦେଶକ ବସନ୍ତ କୁମାର ଦାସ ମହୋତ୍ସବର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ମହୋତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଡ଼ ତ୍ରିଲୋଚନ ବରାଳ, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଓ ନାଟ୍ୟକାର ନଟବର ଦାସ, ସମ୍ମାନୀତ ଅତିଥି ଭାବେ ଦିନାଚର୍ଯ୍ୟ ସମ୍ବାଦପତ୍ରର ସମ୍ପାଦକ ତପନ ମହାରଣା, ବିଶିଷ୍ଟ ଶିକ୍ଷାବିତ୍ ତଥା ସମାଜସେବୀ ନାରାୟଣ ପତି, ବିଶିଷ୍ଟ ସମାଜସେବୀ ମୋହନ ଚନ୍ଦ୍ର ପଣ୍ଡା, ଭାଗବତ ଟୁଙ୍ଗି ପ୍ରଚାର ସମିତି ଓଡ଼ିଶାର ରାଜ୍ୟ ଉପସଭାପତି ସୁବ୍ରତ ରାଉତ ପ୍ରମୁଖ ଯୋଗଦେଇ ଉଦବୋଧନ ଦେଇଥିଲେ । ଭଞ୍ଜକଳା ନିକେତନର ସଭାପତି ନିରାକାର ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ । ଆସନ୍ତା ଫେବୃୟାରୀ ୨୨ ତାରିଖ ଦିନ ଭଦ୍ରକ ଲୋକକଳା ମହୋତ୍ସବରେ ଏକଶହ ଜଣଙ୍କ ସ୍ୱରଚିତ ଲେଖା ସମ୍ବଳିତ ମୂର୍ଚ୍ଛନା ପତ୍ରିକା ପ୍ରକାଶ ପାଇବ । ମା’ ଯଶୋଦା କଳା ପରିଷଦ ସଭାପତି ଆରୁପମା ନାୟକ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ମୂର୍ଚ୍ଛନାର ସଂଯୋଜକ ସୁଶାନ୍ତ କୁମାର ପରିଡ଼ା, କଣ୍ଠଶିଳ୍ପୀ ବୈଷ୍ଣବ ଚରଣ ପ୍ରଧାନ, ବାଦ୍ୟଶିଳ୍ପୀ ରଞ୍ଜନ କୁମାର ସାହୁ, ନୃତ୍ୟଗୁରୁ ସୁଭାସିନି ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ଉତ୍ସବରେ ଓଡ଼ିଶାରୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା କଳାକାର, କବି ଓ ସମାଜସେବୀମାନଙ୍କୁ ମା’ ବିରଜା ସମ୍ମାନ ଓ ଗଦାକ୍ଷେତ୍ର ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା ।

# ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫି

**ରାଜନଗର, ୧୨।୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ କୋଇଲିପୁର ପଞ୍ଚାୟତ ବଡପଲୀସ୍ଥିତ ଚଂଚଳା ମିନିଷ୍ଟାଡିୟମରେ ପଲ୍ଲୀଶ୍ରୀ ଯୁବକ ସଂଘ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ୪୪ତମ ଚଞ୍ଚଳା ଟ୍ରଫି ଉଦଘାଟିତ ହୋଇଯାଇଛି । ରାଜ୍ୟ ବିଜେପି ଉପସଭାପତି ବିଷ୍ଣୁଚରଣ ଦାସ ଏହାକୁ ଉଦ୍‌ଘାଟନ କରିଥିଲେ । ସ୍ଥାନୀୟ ସରପଞ୍ଚ ଦିଲ୍ଲୀପକୁମାର ରାଉତ, ସମିତି ସଭ୍ୟ ଅଭୟ ଖଣ୍ଡୁଆଳ, ସଭାପତି ତପନ ପରିଡା ଓ ସଂପାଦକ ଅଭିମନ୍ୟୁ ପ୍ରତିହାରୀ ପ୍ରମୁଖ କର୍ମକର୍ତ୍ତାମାନେ ଉଦଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ । ଜିସିସି କେନ୍ଦ୍ରପଡା ଓ ୟୁନିକ୍ ଭଦ୍ରକ ମଧ୍ୟରେ ପ୍ରଥମ ଉଦଘାଟନୀ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଜିସିସି କେନ୍ଦ୍ରାପଡାକୁ ହରାଇ ୟୁନିକ ଭଦ୍ରକ ବିଜୟୀ ହୋଇଛି । ପ୍ରଥମେ ଟସ ଜିତି କେନ୍ଦ୍ରାପଡା ବ୍ୟାଟିଂ ନିଷ୍ପତ୍ତି ନେଇ ପଡିଆକୁ ଓହ୍ଲାଇଥିଲା । ନିର୍ଦ୍ଧାରିତ ୨୦ ଓଭର ପୂର୍ବରୁ ୧୯.୩ବଲରେ ଦଳ ସମସ୍ତ ଉଇକେଟ ହରାଇ ୧୭୨ ରନ କରିବାକୁ ସକ୍ଷମ ହୋଇଥିଲା । ଦଳର ବ୍ୟାଟ୍ସମ୍ୟାନ ଆଶିଷ ଗୌତମ ୩୭ବଲ ଖେଳି ୭ଟି ଛକା ଓ ୬ଚୌକା ବିନିମୟରେ ୭୯ରନ କରିଥିଲେ । ଅନ୍ୟତମ ବ୍ୟାଟ୍ସମ୍ୟାନ ଅମନ ଯାଦବ ୧୮ବଲ ଖେଳି ୨ଟି ଛକା ଓ ୨ଟି ଚୌକା ସହାୟତାରେ ୨୪ରନ ସଂଗ୍ରହ କରିଥିଲେ । ଜବାବରେ ଭଦ୍ରକ ୧୯.୩ବଲ ଖେଳି ୬ଉଇକେଟ ବିନିମୟରେ ୧୭୩ରନ କରି ବିଜୟଲାଭ କରିଥିଲା । ଭଦ୍ରକର ବୋଲର ଆଲୋକ ବାରିକ ୪ଓଭର ବୋଲିଂ କରି ୩୩ରନ ବିନିମୟରେ ୩ଉଇକେଟ ହାସଲ କରିଥିଲେ । ସେହିପରି ଅନ୍ୟତମ ବୋଲର ଶୁଭମ ପାଣ୍ଡେ ୪ଓଭର ବୋଲିଂ କରି ୪୨ରନ ବିନିମୟରେ ୩ଉଇକେଟ ହାସଲ କରି କେନ୍ଦ୍ରାପଡାକୁ ପରାଜୟ ମୁଖକୁ ଟାଣି ନେଇଥିଲେ । ଦଳର ବ୍ୟାଟ୍ସମ୍ୟାନ ଅମିତ ସାହୁ ୧୯ବଲ ଖେଳି ୩ଟି ଛକା ଓ ୪ଟି ଚୌକା ସହାୟତାରେ ୪୩ରନ ସଂଗ୍ରହ କରିଥିଲେ । ଦଳର ଅନ୍ୟତମ ବ୍ୟାଟ୍ସମ୍ୟାନ ରୋହିତ ଗାହାଣ ୨୬ବଲ ଖେଳି ୨ଟି ଛକା ଓ ୩ଟି ଚୌକା ସହାୟତାରେ ୪୦ରନ ସଂଗ୍ରହ କରିଥିଲେ । ଆଜିର ମ୍ୟାଚରେ କ୍ୟାପ୍‌ଟେନ ଅମିତ ସାହୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା । ଅମ୍ପାୟାର ଭାବେ ନିରୋଦ ବଳ ଓ ତନୁଜ ସାହୁ, ସ୍କୋରର ଭାବେ ସୁରେଶଚନ୍ଦ୍ର ପ୍ରଧାନ ଦାୟିତ୍ୱ ନିର୍ବାହ କରିଥିଲେ ।

# କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟିଲେ ମନ୍ତ୍ରୀ

**ପୋଲସରା, ୧୨।୧ ଏକ୍ସପ୍ରେସ୍ ନ୍ୟୁଜ୍**

ପୋଲସରା ବ୍ଲକ ଅନ୍ତର୍ଗତ ବାଲିଛାଇ ଗ୍ରାମରେ ଅଗ୍ନିକାଣ୍ଡ ଘଟି ୧୦ଜଣ ଲୋକଙ୍କ ୨୦ ଏକରର ଧାନ ପୋଡ଼ି ପାଉଁଶ ହୋଇଯାଇଥିବା ଘଟଣା ଗତ ୧୦ ତାରିଖ ଶନିବାର ଅପରାହ୍ନ ସମୟରେ ବାଲିଛାଇ ଗ୍ରାମରେ ଘଟିଯାଇଥିବା ବେଳେ ସୋମବାର ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ କ୍ଷୁଦ୍ର ଓ ଅତି କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ତଥା ପୋଲସରା ବିଧାୟକ ଗୋକୁଳାନନ୍ଦ ମଲ୍ଲିକ ଗ୍ରାମରେ ପହଞ୍ଚି ସମାଜସେବୀ ତଥା ଯୁବ ନେତା ଜଗନ୍ନାଥ ବାଡେଇ ସହିତ ଉକ୍ତ ଧାନ ପୋଡ଼ି ଘଟଣାରେ ଆଲୋଚନା କରିଥିଲେ । ଆଲୋଚନା ପରେ ସେଠାରୁ କ୍ଷତିଗ୍ରସ୍ତ ଚାଷୀଙ୍କ ଧାନ ଜମିକୁ ଯାଇ ସେଠାରେ କ୍ଷତି ହୋଇଥିବ ବିଷୟରେ ଲୋକଙ୍କ ସହିତ ଆଲୋଚନା କରିଥିଲେ । ସରକାରୀ ସହାୟତା ଯୋଗାଇଦେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରି ପାଲ ଓ ଆର୍ଥିକ ସହାୟତା ପ୍ରଦାନ କରିବା ସହ ସରକାରୀ ସହାୟତା ଯୋଗାଇଦେବା ପାଇଁ କ୍ଷତିଗ୍ରସ୍ତଙ୍କୁ ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ ମନ୍ତ୍ରୀ । କେଉଁ କାରଣରୁ ନିଆଁ ଲାଗିଲା କାରଣ ଅସ୍ପଷ୍ଟ ରହିଛି । ଚାଷୀମାନେ ଧାରକରଜ କରି ଆଣି ଚାଷ କରିଥିବା ବେଳେ ଚାଷୀଙ୍କ ବର୍ଷକର ଖାଦ୍ୟ ପୋଡ଼ି ପାଉଁଶ ହୋଇଯାଇଥିବା ବେଳେ ଧାନ ମଣ୍ଡିକୁ ଅପେକ୍ଷା କରି ବାଲିଛାଇ ସେବା ସମବାୟ ସମିତି ଧାନ ଉଠାଇବା ବିଳମ୍ବ ଯୋଗୁଁ ଅଗ୍ନିକାଣ୍ଡ ଘଟି ଲୋକଙ୍କ କ୍ଷତି ହୋଇଥିବ ନେଇ ଅଭିଯୋଗ ଆଣିଥିଲେ ଗ୍ରାମର ଚାଷୀମାନେ । ମନ୍ତ୍ରୀଙ୍କ ପ୍ରତିଶ୍ରୁତିକୁ ନେଇ ଚାଷୀମାନଙ୍କ ମଧ୍ୟରେ ଆଶା ଉପୁଜିଥିବା ଜଣାପଡିଛି ।

# ଉଚ୍ଛେଦ ପରେ ଅବ୍ୟବସ୍ଥା ସମ୍ପର୍କରେ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

**ଗୋପ, ୧୨।୧ ଏକ୍ସପ୍ରେସ୍ ନ୍ୟୁଜ୍**



ପୁରୀ ଜିଲ୍ଲାର ଗୋପ ବଜାର ଅଞ୍ଚଳରେ ବେଆଇନ ଜବରଦଖଲ ଉଚ୍ଛେଦ ପରେ ସ୍ଥାନୀୟ ପ୍ରଶାସନ ନିଜ ଦାୟିତ୍ୱକୁ ଅଧା ରାସ୍ତାରେ ଛାଡ଼ି ଦେଇଥିବା ଅଭିଯୋଗ ଶୁଣିବାକୁ ମିଳୁଛି । ବୁଲଡୋଜର ଚାଲିଗଲା, କିନ୍ତୁ ରାସ୍ତା କଡ଼ରେ ପଡ଼ିରହିଛି ଭଙ୍ଗା ଇଟା, ରଡ଼, କଂକ୍ରିଟ କାନ୍ଥ ଓ ଆଜବେଷ୍ଟସ ଯାହା ଗୋପକୁ ଏବେ ଏକ ଅଘୋଷିତ ଦୁର୍ଘଟଣା କ୍ଷେତ୍ରରେ ପରିଣତ କରିଦେଇଛି । ଉଚ୍ଛେଦ ପୂର୍ବରୁ ଯେଉଁଠି ଟ୍ରାଫିକ ସମସ୍ୟା ଥିଲା, ଉଚ୍ଛେଦ ପରେ ସେହି ସମସ୍ୟା ଆଉ ଅଧିକ ଭୟାବହ ରୂପ ନେଇଛି । ପିପିଲିର ମଙ୍ଗଳପୁର ଠାରେ ହୋଇଥିବା ଦୁଘଟଣାର ମୁଖ୍ୟ କାରଣ ଥିଲା ରାସ୍ତା ଉପରେ ପଡ଼ିଥିବା ବାଲି । ସେଥିପାଇଁ ରାଜ୍ୟ ସରକାର ପୂର୍ତ୍ତ ବିଭାଗକୁ କଡା ନିର୍ଦ୍ଦେଶ ଦେଇଛନ୍ତି କି ତୁରନ୍ତ ରାସ୍ତାର ମଧଭାଗ ଓ ଦୁଇ କଡ଼ରେ ଛିଟିକି ପଡ଼ିଥିବା ନିର୍ମାଣ ଅବଶେଷ ଦେଖିଲେ ମନେହୁଏ, ଗୋପ ଉପରେ କୌଣସି ବଡଧରଣ ଭୂମିକମ୍ପ ଅବା ବାତ୍ୟା ଆସି ଧ୍ୱଂସ କରିଛି । ଦିନରେ ଏପରି ଅବସ୍ଥା ଥିଲେ ମଧ୍ୟ, ରାତି ହେଲେ ଆଲୋକ ଅଭାବରୁ ପରିସ୍ଥିତି ଆଉ ଅଧିକ ଜଟିଳ ହୋଇଯାଉଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଉଚ୍ଛେଦ ପରେ ଯଦି ତୁରନ୍ତ ଭଙ୍ଗା କାନ୍ଥ ଓ ନିର୍ମାଣ ଅବଶେଷ ସଫା କରାଯାଇଥାନ୍ତା । ତେବେ ଦୈନିକ ଛୋଟ ଛୋଟ ଦୁର୍ଘଟଣା ଘଟୁନଥାନ୍ତା । ବିଶେଷକରି ଦୁଇ ଚକିଆ ଯାନ ଚାଳକ, ପଦ ଚାରି, ବୃଦ୍ଧ ଓ ଛାତ୍ରଛାତ୍ରୀମାନେ ଜୀବନକୁ ସାରୁ ପତ୍ରରେ ରଖି ଯାତାୟାତ କରିବାକୁ ବାଧ ହେଉଛନ୍ତି । ପୁରୀ–କଟକ ଓ କୋଣାର୍କ–ଭୁବନେଶ୍ୱର ମୁଖ୍ୟ ସଂଯୋଗ ରାସ୍ତାର ଏକ ଅତ୍ୟନ୍ତ ସଂବେଦନଶୀଳ ମଧ୍ୟସ୍ଥଳରେ ଏପରି ଅବହେଳା ପ୍ରଶାସନିକ ଅକ୍ଷମତାର ସ୍ପଷ୍ଟ ପ୍ରମାଣ ବୋଲି ସଚେତନ ନାଗରିକମାନେ ମତ ପ୍ରକାଶ କରୁଛନ୍ତି । ‘ଉଚ୍ଛେଦ ହେଲା ଫଟୋ ପାଇଁ, ସଫେଇ ଅଧା ରହିଲା କାହା ପାଇଁ ?’ ଏହି ପ୍ରଶ୍ନ ଏବେ ସମଗ୍ର ଗୋପ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଉଠିଛି । ଏହି ପ୍ରସଙ୍ଗରେ ବିଜେପି କୃଷକ ମୋର୍ଚ୍ଚାର ରାଜ୍ୟ ସମ୍ପାଦକ କହିଛନ୍ତି ଯେ, ପ୍ରଶାସନ ଆଉ ଏକ ଦୁର୍ଘଟଣା ଅପେକ୍ଷା କରିବା ଉଚିତ୍ ନୁହେଁ । ସେ ସ୍ପଷ୍ଟ ଦାବି କରିଛନ୍ତି, ତୁରନ୍ତ ରାସ୍ତା କଡ଼ରେ ପଡ଼ି ରହିଥିବା ସମସ୍ତ ଭଙ୍ଗା ନିର୍ମାଣ ଅବଶେଷ ସଫା କରାଯାଉ, ରାସ୍ତାକୁ ସମ୍ପୂର୍ଣ୍ଣ ଭାବେ ଚଉଡା ହେବା ସହିତ ଉଭୟ ପାର୍ଶ୍ୱ ଥିବା ବିଦ୍ୟୁତ ଖୁଣ୍ଟ ସହିତ ଅଭିନନ୍ଦନ ଶୁଭେଚ୍ଛା ବାର୍ତ୍ତା ହୋଡିଙ୍ଗକୁ ତୁରନ୍ତ ଉଠାଯାଉ । ଗୋପ ବଜାର ଅଞ୍ଚଳରେ ଛୋଟ ଯାନବାହନ ପାଇଁ ସୁବିଧାଜନକ ପାର୍କିଂ ବ୍ୟବସ୍ଥା ତୁରନ୍ତ କରାଯାଉ । ଏହି ବିଷୟରେ ସେ ପ୍ରଶାସନ ସହ ତୁରନ୍ତ କଥା ହେବେ ବୋଲି ଦୃଢ଼ ସଙ୍କଳ୍ପ ପ୍ରକାଶ କରିଛନ୍ତି । ଏଥିପ୍ରତି ତୁରନ୍ତ ବିହିତ ପଦକ୍ଷେପ ନିଆଯାଉ ନଚେତ, ଆଗାମୀ ଦିନରେ କୌଣସି ବଡ଼ ଦୁର୍ଘଟଣା ଘଟିଲେ, ତାହାର ସମ୍ପୂର୍ଣ୍ଣ ଦାୟିତ୍ୱ କାହାର ? ଏହି ପ୍ରଶ୍ନର ଉତ୍ତର ପ୍ରଶାସନକୁ ଜନସାଧାରଣଙ୍କ ସମ୍ମୁଖରେ ଦେବାକୁ ପଡ଼ିବ ।

# ଭିବି ଜି-ରାମ-ଜି ଯୋଜନାକୁ କଂଗ୍ରେସର ବିରୋଧ



**ପୁରୁଷୋତ୍ତମପୁର, ୧୨।୧ ଏକ୍ସପ୍ରେସ୍ ନ୍ୟୁଜ୍**

ମନରେଗା ରୁ ମହାତ୍ମା ଗାନ୍ଧିଙ୍କ ନାମ ହଟାଇ ଦେଇଥିବା ଭିବି ଜି ରାମ ଜି ବିଲକୁ ପ୍ରତ୍ୟାହାର ଦାବିରେ ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁରରେ ରବିବାର କଂଗ୍ରେସର ଏକ ଦିନିଆ ଉପବାସ ବା ସାଙ୍କେତିକ କାର୍ଯ୍ୟକ୍ରମ ଗଞ୍ଜାମ ଜିଲ୍ଲା (ପଶ୍ଚିମ) ଏସସି ସେଲର ଚେୟାରମ୍ୟାନ ଚିତ୍ର ସେନ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟି ସଭାପତି (ପଶ୍ଚିମ) ତଥା ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ଯୋଗ ଦେଇ ଅନଶନରେ ବସିଥିଲେ । ଆସ୍କା ଲୋକସଭା ପ୍ରାର୍ଥୀ ଦେବ କାନ୍ତ ଶର୍ମା, ଚିରଞ୍ଜୀବ ବିଷୋୟୀ, ମନୋରଞ୍ଜନ ଦାସ ସମେତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ । ଭିବି ଜି ରାମ ଜି ବିଲ ପ୍ରତ୍ୟାହାର ନହେବା ଯାଏଁ ଏହି ଆନ୍ଦୋଳନ ଜାରି ରହିବ ବୋଲି ଶ୍ରୀ ଜେନା କହିଛନ୍ତି । ଅନ୍ୟପଟେ ସାରା ଦେଶରେ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଉପବାସ ବା ସାଙ୍କେତିକ ପ୍ରତିବାଦ କରାଯାଉଥିବା ବେଳେ ପୁରୁଷୋତ୍ତମପୁର କାଳି ମନ୍ଦିର ଛକରୁ କଂଗ୍ରେସ କର୍ମୀମାନେ ପଦଯାତ୍ରାରେ ବାହାରିବା ସହ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଉପବାସ ବା ଅନଶନରେ ବସିଥିଲେ । ଭିବି ଜି ରାମ ଜି ଏହା ଶ୍ରମିକ ବିରୋଧୀ ବିଲ ବୋଲି କଂଗ୍ରେସ କହିଛି ।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣି

**ନୀଳଗିରି, ୧୨।୧ ଏକ୍ସପ୍ରେସ୍ ନ୍ୟୁଜ୍**

ସୋମବାର ଦିବା ୧୦ଟା ସମୟରେ ସ୍ଥାନୀୟ ନୀଳଗିରି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବକରଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ନୀଳଗିରି ପଞ୍ଚାୟତ ସମିତି ଅନ୍ତର୍ଗତ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ମୋଟ ୬୧ଜଣ ଅଭିଯୋଗକାରି ନିଜ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ । ଏହି ଅଭିଯୋଗ ମଧ୍ୟରେ ବ୍ୟକ୍ତି ଗତ ଭାବେ ରାସନ କାର୍ଡ, ବାର୍ଦ୍ଧକ୍ୟ ଭତ୍ତା, ସ୍ୱାସ୍ଥ୍ୟ ଚିକିତ୍ସା ସହାୟତା ଏବଂ ସାମୂହିକ ଭାବେ ରାସ୍ତା ଘାଟ ପାନୀୟ ଜଳ ବିଦ୍ୟୁତ୍ ବିଲ ସମସ୍ୟା, ଉଦ୍ୟାନ କୃଷି, ଜଙ୍ଗଲ ଜମି ପଟ୍ଟା, ହାତୀ ଦ୍ୱାରା ଫସଲ କ୍ଷତି ଗ୍ରସ୍ତ, ଆଇନ୍ ଶୃଙ୍ଖଳା ସମ୍ପର୍କିତ ଥିଲା । ଏହି ମିଳିତ ଜନଶୁଣାଣି ଶିବିରରେ ୧୦ଟି ଅଭିଯୋଗର ତତ୍‌କାଳ ସମାଧାନ କରିବା ସଙ୍ଗେ ସଙ୍ଗେ ୩ ଜଣ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ସହାୟତା ପ୍ରଦାନ କରାଯାଇଥିଲା ।

# ଦୁଇଦିନିଆ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା



**ଭଦ୍ରକ, ୧୨।୧ ଏକ୍ସପ୍ରେସ୍ ନ୍ୟୁଜ୍**

ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର ଓ ଭଦ୍ରକ ଜିଲ୍ଲା ପ୍ରଶାସନର ସହଯୋଗରେ ଭଦ୍ରକ ନେହେରୁ ଷ୍ଟାଡିୟମ ପରିସରରେ ଦୁଇଦିନିଆ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଆରମ୍ଭ ହୋଇଯାଇଛି । ଏହି ମେଳାର ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବ ସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇ ଚାଷୀମାନଙ୍କୁ ନୂତନ ପ୍ରଯୁକ୍ତି ଓ ସରକାରୀ ଯୋଜନାର ସଠିକ୍ ଲାଭ ନେବାକୁ ଆହ୍ୱାନ କରିଥିଲେଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଜିଲ୍ଲାରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ କ୍ଷେତ୍ରର ସମ୍ଭାବନା ସମ୍ପର୍କରେ କଥା ରଖିଥିଲେ । ଭଦ୍ରକ ରବିଧାୟକ ସିତାଂଶୁ ସେଖର ମହାପାତ୍ର ଯୋଗ ଦେଇ ସରକାରଙ୍କର ବିଭିନ୍ନ କଲ୍ୟାଣକାରୀ ଯୋଜନାର କିପରି ଲାଭ ପାଇପାରିବେ ସେଇ ବିଷୟରେ ସୂଚନା ପ୍ରଦାନ କରିଥିଲେ । ଉପସ୍ଥିତ ବାସୁଦେବପୁର ବିଧାୟକ ଅଶୋକ ଦାସ ଗାଁ ଗହଳିରେ କିପରି ଭାବରେ ଗୋ ପାଳକ, ମତ୍ସ୍ୟ ପାଳକମାନେ ନିଜେ ସ୍ୱାବଲମ୍ବୀ ହେବା ସଙ୍ଗେ ସଙ୍ଗେ ନିଯୁକ୍ତିର ରାସ୍ତା ଖୋଲିବେ ସେଇ ବିଷୟରେ ଚିନ୍ତା କରିବାକୁ କହିଥିଲେ । ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ଦିଲୀପ ରାଉତରାଏ ସଭାପତିତ୍ୱ କରି ମେଳାର ଉଦ୍ଦେଶ୍ୟ ଓ ଉପକାରିତା ସମ୍ପର୍କରେ ଅବଗତ କରାଇଥିଲେ । ଏହି ଦୁଇଦିନିଆ ମେଳାରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ସମ୍ପର୍କିତ ପ୍ରଦର୍ଶନୀ, ଚାଷୀ, ବିଶେଷଜ୍ଞ ଆଲୋଚନାଚକ୍ର, ସଚେତନତା କାର୍ଯ୍ୟକ୍ରମ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଛି ।

# ଆରମ୍ଭ ହେଲା ମର୍ଦ୍ଦରାଜ ମହୋତ୍ସବ

**ଖଲ୍ଲିକୋଟ, ୧୨।୧ ଏକ୍ସପ୍ରେସ୍ ନ୍ୟୁଜ୍**



ଖଲ୍ଲିକୋଟର ସ୍ୱର୍ଗତଃ ରାଜାବହାଦୁର ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ୧୨୬ ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଖଲ୍ଲିକୋଟ ସାଂସ୍କୃତିକ ପରିଷଦ ତରଫରୁ ସ୍ଥାନୀୟ ଯୁବ ରାଜମଣ୍ଡପଠାରେ ପରିଷଦର ସଭାପତି ଡାକ୍ତର ସାକେତ ରାମରାଓଙ୍କ ଅଧ୍ୟକ୍ଷତାରେ ମର୍ଦ୍ଦରାଜ ମହୋତ୍ସବ ଉଦଘାଟନ ହୋଇଥିଲା । ଏଥିରେ ମୁଖ୍ୟଅତିଥ ଭାବେ ଆଇନ, ଅବକାରୀ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରି ହରିଚନ୍ଦନ ଯୋଗଦେଇ ଖଲ୍ଲିକୋଟ ରାଜା ସ୍ୱର୍ଗତଃ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ସମଗ୍ର ରାଜ୍ୟର ଜଣେ ସଚ୍ଚା ଓଡ଼ିଆ, ସେ କେବଳ ଜଣେ ରାଜା ନଥିଲେ ସେ ଥିଲେ ରାଜା ଓ ଜ୍ଞାନୀ ବ୍ୟକ୍ତି । କାଳ କାଳ ପାଇଁ ଓଡିଶାର ଜଣେ ନମସ୍ୟ ପୁରୁଷ ଥିଲେ ବୋଲି ପ୍ରକାଶକରିଥିଲେ । ଆଗାମୀ ୨୦୩୬ ସୁଦ୍ଧା ଓଡ଼ିଶା ପୂର୍ବ ଭାରତର ଗୋଟିଏ ବିକାଶଶୀଳ ଓ ଅଗ୍ରଣୀ ପ୍ରଦେଶ ହେବ ବୋଲି ସେ କହିଥିଲେ । ଖଲ୍ଲିକୋଟକୁ ପ୍ରଧାନମନ୍ତ୍ରୀ ଘୋଷଣା କରିଥିବା ରାମଚନ୍ଦ୍ର ସ୍ମାରକୀ କରିବା ପାଇଁ ସମସ୍ତ ବ୍ୟବସ୍ଥା ଚାଲିଛି ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ କହିଲେ ବିଖଣ୍ଡିତ ଓଡିଶାକୁ ଏକତ୍ରି କରଣ କରିବାରେ ରାମଚନ୍ଦ୍ର ଦେଓଙ୍କ ମୁଖ୍ୟ ଭୂମିକା ଥିଲା । ପ୍ରଫେସର ଡଃ.ପ୍ରକାଶ ଚନ୍ଦ୍ର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ । ପରିଷଦର ପୂର୍ବତନ ଉପସଭାପତି ହାରପ୍ରସାଦ ମହାପାତ୍ର ରାମଚନ୍ଦ୍ରଙ୍କ କ୍ରିତି ଉପରେ ଚୁମ୍ବକୀୟ ଭାଷଣ ଦେଇଥିଲେ । ସମ୍ପାଦକ ଦକ ସୁଧାଂଶୁ ଶେଖର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଡଃ.ଅଶୋକ କୁମାର ପାଳ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଦିବଂଗତ ସାମ୍ବାଦିକ ଜଗନ ମୋହନ ମହାପାତ୍ରଙ୍କୁ ଚଳିତ ବର୍ଷର ମର୍ଦ୍ଦରାଜ ସମ୍ମାନ ତାଙ୍କ ଝିଅ ସୁଶ୍ରୀ ମହାପାତ୍ରଙ୍କୁ ପ୍ରଦାନ କରାଯାଇଥିଲା । ଶିକ୍ଷାବିତ ଚନ୍ଦ୍ର ଶେଖର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ମୁଖ୍ୟଅତିଥି ଆସିବାର ବିଳମ୍ବ ଯୋଗୁଁ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପସ୍ଥିତ ଦର୍ଶକମାନେ ମନଭରି ଉପଭୋଗ କରିଥିଲେ । ମର୍ଦ୍ଦରାଜ ଉତ୍ସବ ଉପଲକ୍ଷେ ସ୍ମରଣିକା ‘ମର୍ଦ୍ଦରାଜ’ ମଞ୍ଚାସୀନ ଅତିଥିମାନେ ଉନ୍ମୋଚନ କରିଥିଲେ । ତେବେ ମନ୍ତ୍ରୀ ନିର୍ଦ୍ଧାରିତ ସମୟର ୩ ଘଣ୍ଟା ବିଳମ୍ବରେ ମଞ୍ଚାସିନ ହେବାରୁ କାର୍ଯ୍ୟକ୍ରମ ବିଳମ୍ବରେ ଆରମ୍ଭ ହୋଇଥିଲା ।

# ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଉତ୍କଳ ଆଗମନୀ ସ୍ମୃତି ମହୋତ୍ସବ

**ପୁରୀ, ୧୨।୧ ଏକ୍ସପ୍ରେସ୍ ନ୍ୟୁଜ୍**



ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆଜିକୁ ୧୦୪ ବର୍ଷ ତଳେ ବିଶ୍ୱର ଅନନ୍ୟ ଆଧ୍ୟାତ୍ମିକ ପୀଠ ଉତ୍କଳର ପୁରୀ ମାଟିରେ ପଦାର୍ପଣ କରିଥିଲେ । ଏହି ପବିତ୍ର ସ୍ମୃତିକୁ ପୁନଃ ଜୀବିତ କରିବାକୁ ଉତ୍କଳ ଆଗମନୀ ସ୍ମୃତି ମହୋତ୍ସବ ପାଳନ କରାଯାଉଛି । ରବିବାର ତାଳବଣିଆଠାରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ଉତ୍କଳ ଆଗମନୀ ୧୦୪ ବର୍ଷ ପୂର୍ତ୍ତି ମହୋତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ସତ୍‌ସଙ୍ଗ ଦେଓଘରର ସମ୍ପାଦକ ଡା.ବିନାୟକ ମହାପାତ୍ର ଯୋଗଦେଇ ଉତ୍କଳ ମାଟିରେ ପୁରୁଷୋତ୍ତମଙ୍କର ପଦାର୍ପଣ ସ୍ମୃତିର ପୁଲକ ଆଜି ପ୍ରତ୍ୟେକଙ୍କ ପ୍ରାଣକୁ ଭକ୍ତି ରସାଣିତ କରିଛି । କର୍ମ କରିବା ଆମର ଅଧିକାର । ଭାଗ୍ୟ ଓ ଫଳ ପ୍ରଭୁଙ୍କୁ ସମର୍ପଣ କରିବା ଉଚିତ୍ । ପ୍ରତ୍ୟେକଙ୍କୁ ଆଧ୍ୟାତ୍ମିକ ମାର୍ଗରେ ପରିଚାଳନା ପାଇଁ ଈଶ୍ୱର ସୁଯୋଗ ଦେଇଥାନ୍ତି । ଏହାର ଉପଯୋଗ ସମସ୍ତଙ୍କ ଧ୍ୟେୟ ହେଉ ବୋଲି କହିଥିଲେ ।

ସ୍ମୃତି କମିଟି ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରତ୍ୟୁଷରୁ ବେଦ, ମାଙ୍ଗଳିକ, ନହବତ, ଉଷା କୀର୍ତ୍ତନ, ଉଷା ବିନତୀ ପ୍ରାର୍ଥନା ଓ ସଦ୍ ଗ୍ରନ୍ଥାଦି ପାଠ ପରେ ସକାଳ ୭ଟା ୩୦ରେ ଉତ୍ସବର ଉଦ୍‌ଘାଟନୀ ସମାବେଶ ଅନୁଷ୍ଠିତ ହୋଇଥିଲା । ପୁରୀ ଠାକୁରବାଡ଼ି ପରିସରରୁ ଷ୍ଟେସନ ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ମେଳରେ ରଥାରୂଢ଼ ଶ୍ରୀଶ୍ରୀ ଠାକୁର, ଶ୍ରୀଶ୍ରୀ ବଡ଼ମା ଓ ପରମ ପୂଜ୍ୟପାଦ ଶ୍ରୀଶ୍ରୀ ବଡ଼ଦାଙ୍କର ଶ୍ରୀବିଗ୍ରହକୁ ବିଶାଳ ବର୍ଣ୍ଣାଢ୍ୟ ଶୋଭାଯାତ୍ରା ମଧ୍ୟରେ ପରିକ୍ରମା କରାଯାଇ ଉତ୍ସବସ୍ଥଳକୁ ନିଆଯାଇଥିଲା

# ଛାତ୍ରଛାତ୍ରୀ ପୁରୁଣା ସ୍ମୃତି ସାଉଣ୍ଟିଲେ

**ମାର୍ଶାଘାଇ/ମହାକାଳପଡା, ୧୨।୧ ଏକ୍ସପ୍ରେସ୍ ନ୍ୟୁଜ୍**

ପଞ୍ଚାୟତ ହାଇସ୍କୁଲ ରାଜଗଡ଼ର ୧୯୯୭ ମାଟ୍ରିକ ବ୍ୟାଚର ୨୯ତମ ବନ୍ଧୁ ମିଳନ ଉତ୍ସବ ମହାଆଡ଼ମ୍ବରରେ ମା’ ଜରି ଠାକୁରାଣୀ ପୀଠ ରାଜଗଡ଼ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବନ୍ଧୁମିଳନ ଉତ୍ସବରେ ୧୯୯୭ ବ୍ୟାଚର ବହୁ ପୁରାତନ ଛାତ୍ରଛାତ୍ରୀମାନେ ଯୋଗଦେଇଥିବା ସଙ୍ଗେ ସଙ୍ଗେ ପୁରୁଣା ସ୍ମୃତି ଗୁଡିକ ମନେପକାଇ ବହୁତ ଉତ୍ସାହିତ ହୋଇଥିଲେ । ଏହି ଅବସରରେ ପୁରାତନ ଛାତ୍ର ବିଶ୍ୱଭୂଷଣ ସ୍ୱାଇଁ, ସୁଧିର କୁମାର ରାଉତ, ତମାଳ କୃଷ୍ଣ ମହାପାତ୍ର, ଦେବାଶିଷ ମିଶ୍ର, ଶୁଭେନ୍ଦୁ ଜେନା, କମଳ ଲୋଚନ ସାମଲଙ୍କ ସମେତ ଛାତ୍ରଛାତ୍ରୀମାନେ ସାମିଲ ହୋଇଥିଲେ ।

# ମହାବିଦ୍ୟାଳୟରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ

**ଘୁ.ଉଦୟଗିର, ୧୨।୧ ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ କଳିଙ୍ଗ ମହାବିଦ୍ୟାଳୟ ପରିସରରେ ଯୁବ ରେଡକ୍ରସ୍ ଏବଂ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ସ୍ୱାମୀ ବିବେକାନନ୍ଦଙ୍କ ୧୫୦ତମ ଜୟନ୍ତୀ ପାଳନ ହୋଇଯାଇଛି । ଏଥିରେ ଅଧ୍ୟକ୍ଷ ପ୍ରସନ୍ନ କୁମାର ନାୟକ ସଭାପତିତ୍ୱ କରି ବିବେକାନନ୍ଦଙ୍କ ଆଦର୍ଶ ବିଷୟରେ ଆଲୋଚନା କରିଥିଲେ । ଯୁବ ରେଡକ୍ରସ୍ କାଉନସିଲର ଅଧ୍ୟାପକ ତପନ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଜାତୀୟ ସେବା ଯୋଜନା ଜିଲ୍ଲା ଅଧିକାରୀ ଡଃ ନଳିନୀ କୁମାର ପାଣିଗ୍ରାହୀ ଯୋଗଦେଇ ଯୁବ ସଂପ୍ରଦାୟଙ୍କ ପାଇଁ ବିବେକାନନ୍ଦ ଦେଖିଥିବା ସ୍ୱପ୍ନ ବିଷୟରେ ବକ୍ତବ୍ୟ ରଖିଥିଲେ । ମୁଖ୍ୟବକ୍ତା ଭାବରେ ଇତିହାସ ବିଭାଗର ଅଧ୍ୟାପକ ଶାନ୍ତନୁ କୁମାର ପ୍ରଧାନ ଯୋଗଦେଇ ବିବେକାନନ୍ଦଙ୍କ ଜୀବନୀ ଏବଂ ବିଚାର ଧାରା ସଂପର୍କରେ ଆଲୋଚନା କରିଥିବା ବେଳେ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗିରିଶ୍ କୁମାର ମୁଠାମାଝି ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ଅଧିକାରିଣୀ ଅଧ୍ୟାପିକା ସରିତା ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ଏଥିରେ ମହାବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ଏବଂ ଅଧ୍ୟାପକ, ଅଧ୍ୟାପିକା ତଥା କର୍ମଚାରୀ ଯୋଗଦେଇ ଥିଲେ ।

# ମନରେଗା ଗ୍ରାମୀଣ ଜୀବିକା ସୁରକ୍ଷାର ମୂଳ ଆଧାର: କଂଗ୍ରେସ ମୁଖପାତ୍ର

**କେନ୍ଦ୍ରାପଡ଼ା, ୧୨।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଏମଜିଏନଆରଇଜିଏ ଗ୍ରାମୀଣ ଜୀବିକା ସୁରକ୍ଷାର ମୂଳ ଆଧାର ଥିଲା । ଗତ ୨୦୦୫ ମସିହାରେ ୟୁପିଏ ସରକାର ଦ୍ୱାରା ପ୍ରଣୀତ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ରୋଜଗାର ଆଇନ (ଏମଜିଏନଆରଇଜିଏ) ଏକ ଅଧିକାର ଆଧାରିତ ଆଇନ । ଏହାକୁ ପରିବର୍ତ୍ତନ କରି କେନ୍ଦ୍ର ସରକାର ପ୍ରବର୍ତ୍ତନ କରିଥିବା ନୂତନ ଭିବିଗ୍ରାମ-ଜି ଆଇନ ଏହି ଢାଞ୍ଚାରୁ ସମ୍ପୂର୍ଣ୍ଣ ଭାବେ ଭିନ୍ନ । ଏଥିରେ କାମ ପାଇବାର ଆଇନଗତ ନିଶ୍ଚିତତାକୁ ଦୂରେଇ ଦିଆଯାଇଛି । ତେଣୁ କଂଗ୍ରେସ ଦଳ ଦେଶବ୍ୟାପୀ ଏମଜିଏନଆରଇଜିଏସ ବଞ୍ଚାଅ ସଂଗ୍ରାମ ଆରମ୍ଭ କରିଛି ଦଳର ପର୍ଯ୍ୟବେକ୍ଷକ ତଥା ମୁଖପାତ୍ର ଆଇନଜୀବୀ ଲଲାଟେନ୍ଦୁ ଦାସ କହିଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ ସଭାପତି ଡାକ୍ତର ଦେବସ୍ମିତା ଶର୍ମାଙ୍କ ଅଧ୍ୟକ୍ଷତାରେ ଦଳର ମନରେଗା ବଞ୍ଚଅ ସଂଗ୍ରାମ ପରିପ୍ରେକ୍ଷୀରେ ଜିଲ୍ଲା କଂଗ୍ରେସ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀ ଯୋଗଦାନ କରି ଶ୍ରୀଦାସ କହିଥିଲେ କାମର ଅଧିକାର ସୁରକ୍ଷା ପାଇଁ କଂଗ୍ରେସ ପକ୍ଷରୁ ଦେଶବ୍ୟାପି ଏମଜିଏନଆରଇଜିଏସ ବଞ୍ଚାଅ ସଂଗ୍ରାମ ଆରମ୍ଭ ହୋଇଛି । ଯାହା ପ୍ରତ୍ୟେକ ଗ୍ରାମୀଣ ପରିବାରକୁ ମଜୁରୀ ଭିତ୍ତିକ ରୋଜଗାର ଦାବି କରିବାର ଆଇନଗତ ଅଧିକାର ଦେଇଛି । ଏହି ଦାବି କରିବାର ୧୫ ଦିନ ମଧ୍ୟରେ ରୋଜଗାର ଯୋଗାଇଦେବା ରାଜ୍ୟର ଆଇନଗତ କର୍ତ୍ତବ୍ୟ । ତାହା ବିଫଳ ହେଲେ ବେରୋଜଗାର ଭତ୍ତା ଦେବାକୁ ପଡିଥାଏ । ଏହି ଆଇନଗତ ଅଧିକାର ହେଉଛି ଏମଜିଏନଆରଇଜିଏର ମୂଳ ପରିଚୟ । ଏମଜିଏନଆରଇଜିଏ ଗ୍ରାମୀଣ ଜୀବିକା ସୁରକ୍ଷାର ମୂଳ ଆଧାର ଭାବେ ପ୍ରତିବର୍ଷ ୫–୬ କୋଟି ପରିବାରକୁ ରୋଜଗାର ଯୋଗାଇଆସୁଛି । ଦୁଃଖଦ୍ ଦାଦନ (ଡିଷ୍ଟ୍ରେସ ମାଇଗ୍ରେସନ) କମାଇଛି, ଗ୍ରାମୀଣ ମଜୁରୀ ବଢ଼ାଇଛି ଏବଂ ସମାଜିକ ଜୀବନରେ ରୋଜଗାରକୁ ଦୀର୍ଘସ୍ଥାୟୀ କରିଛି । ଏହାର ଚାହିଦା ଭିତ୍ତିକ ରୂପରେଖ, ନିଶ୍ଚିତ ମଜୁରୀ ଓ ଶ୍ରମିକମାନଙ୍କ ମଜୁରୀ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା ହେବା, ବିଶେଷକରି ମହିଳା, ଦଳିତ, ଆଦିବାସୀ ଓ ପ୍ରାନ୍ତବର୍ତ୍ତୀ ସମୁଦାୟକୁ ଲାଭାନ୍ୱିତ କରିଛି । ସମୁଦାୟ କାର୍ଯ୍ୟଦିନର ପ୍ରାୟ ୬୦ ପ୍ରତିଶତ ହେଉଛି ମହିଳାମାନଙ୍କର । ନୂତନ ଭିବିଗ୍ରାମ-ଜି ଆଇନ ଏହି ଢାଞ୍ଚାରୁ ସମ୍ପୂର୍ଣ୍ଣ ଭାବେ ଭିନ୍ନ । ଏହା କାମ ପାଇବାର ଆଇନଗତ ନିଶ୍ଚିତତାକୁ ଦୂରେଇ ଦିଏ । ଏହା କେନ୍ଦ୍ର ସରକାରଙ୍କ ହାତରେ ନିଷ୍ପତ୍ତିକୁ କେନ୍ଦ୍ରୀଭୂତ କରେ । ଗ୍ରାମସଭା ଓ ପଞ୍ଚାୟତକୁ ଦୁର୍ବଳ କରେ ଏବଂ କେନ୍ଦ୍ରର ମଜୁରୀ ଅଂଶଦାନକୁ ପ୍ରାୟ ୯୦ପ୍ରତିଶତରୁ ୬୦ପ୍ରତିଶତକୁ କମାଇ ରାଜ୍ୟ ଓ ଶ୍ରମିକଙ୍କ ଉପରେ ଆର୍ଥିକ ଭାର ଲଦିଦିଏ । କୃଷିଋତୁରେ ମଧ୍ୟ ସୀମିତ ବଜେଟ ଯୋଗୁଁ କାମଧନ୍ଦା ନ ମିଳିବାର ଆଶଂକା ରହିଥାଏ । ମଜୁରୀ ସୁରକ୍ଷାର ଶିଥିଳତା ଯୋଗୁଁ ରୋଜଗାର କମିବା ନିଶ୍ଚିତ । ଏହି କାର୍ଯ୍ୟକ୍ରମରୁ ମହାତ୍ମା ଗାନ୍ଧୀଙ୍କ ନାମ ହଟାଯିବା ଦ୍ୱାରା ଶ୍ରମର ମର୍ଯ୍ୟାଦା ପ୍ରତି ଅପମାନ ହୋଇଛି । ଗ୍ରାମ୍ୟ ସ୍ୱୟଂଶାସନ ପାଣିଚିଆ ହେବା ସହ ଏମଜିଏନଆରଇଜିଏର ମୂଲ୍ୟବୋଧକୁ ଶିଥିଳ କରିବାର ଏହା ଏକ ଷଡ଼ଯନ୍ତ୍ର । ଗ୍ରାମୀଣ ଜୀବିକା ଉପରେ ଏହି ଆକ୍ରମଣର ଗମ୍ଭୀରତାକୁ ଧ୍ୟାନରେ ରଖି କଂଗ୍ରେସ କାର୍ଯ୍ୟକାରିଣୀ ବୈଠକରେ ସର୍ବସମ୍ମତି କ୍ରମେ ‘ଏମଜିଏନଆରଇଜିଏ ବଞ୍ଚାଓ ସଂଗ୍ରାମ’ ନାମକ କଂଗ୍ରେସ ଦେଶବ୍ୟାପୀ ଜନଆନ୍ଦୋଳନ ଆରମ୍ଭ କରିବାକୁ ସଂକଳ୍ପ ଗ୍ରହଣ କରିଛି । ଯାହାର ଉଦ୍ଦେଶ୍ୟ କାମର ଅଧିକାରକୁ ସୁରକ୍ଷା କରିବା ଓ ଏମଜିଏନଆରଇଜିଏକୁ ତାହାର ମୂଳ ଅଧିକାର-ଆଧାରିତ ରୂପରେ ଫେରି ପାଇବା । ଏମଜିଏନଆରଇଜିଏ ବଞ୍ଚାଅ ସଂଗ୍ରାମ ଆସନ୍ତା ୨୫ ଫେବୃଆରୀ ପର୍ଯ୍ୟନ୍ତ ଚାଲିବ । ଏହାର ପ୍ରତୀକାତ୍ମକ ପ୍ରତିବାଦ ସ୍ୱରୂପ ଜିଲ୍ଲା ମୁଖ୍ୟାଳୟ କିମ୍ବା ପ୍ରମୁଖ ସାର୍ବଜନୀନ ସ୍ଥାନରେ ଏକ ଦିନିକିଆ ଉପବାସ ପାଳନ କରାଯିବ । ଦଳୀୟ ନେତା, ନିର୍ବାଚିତ ପ୍ରତିନିଧି ଓ ଏମଜିଏନଆରଇଜିଏ ଶ୍ରମିକ ଏଥିରେ ଅଂଶଗ୍ରହଣ କରିବେ । ଜନସାଧାରଣଙ୍କୁ ଏସମ୍ପର୍କରେ ଅବଗତ କରାଇବା ହେଉଛି ଆମର ଲକ୍ଷ୍ୟ ବୋଲି ସେ କହିଥିଲେ । ଏଥିସହିତ ଟିପିସିଓଡିଏଲ ପକ୍ଷରୁ ଉପଭୋକ୍ତାମାନଙ୍କୁ ଜୋର କରି ସ୍ମାର୍ଟ ମିଟର ଲଗାଇବାକୁ ମଧ୍ୟ କଂଗ୍ରେସ ପ୍ରତିବାଦ କରୁଛି ବୋଲି ସେ କହିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକ, ମହମ୍ମଦ ଆକବର ଅଲ୍ଲୀ, ସସ୍ମିତା ପଣ୍ଡା, ନିରୂପମା ପାତ୍ର, ବିଧୁଭୂଷଣ ମହାପାତ୍ର, ବିଧାନ ଚନ୍ଦ୍ର ସାମଲ, ରବିନାରାୟଣ ବେହେରା, ହିମାଂଶୁ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଦ୍ୟାଳୟରେ ବନ୍ଦେ ମାତରମ୍



**ମାଲକାନାଗିରି, ୧୨।୧ ଏକ୍ସପ୍ରେସ୍ ନ୍ୟୁଜ୍**

ମାଲକାନଗିରି ଜିଲ୍ଲାରେ ସମସ୍ତ ବିଦ୍ୟାଳୟରେ ବନ୍ଦେ ମାତରମ୍ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଜାତୀୟ ଯୁବ ଦିବସ ଉପଲକ୍ଷେ ଜାନୁଆରୀ ୧୨ ତାରିଖରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଛାତ୍ରଛାତ୍ରୀମାନେ ବନ୍ଦେ ମାତରମ୍ ଗାନ କରିବା ସହ ଆତ୍ମନିର୍ଭର ଭାରତ ସ୍ୱଦେଶୀ ସଂକଳ୍ପ ପାଠ କରିଥିଲେ । ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏହି କାର୍ଯ୍ୟକ୍ରମର ସୁଚାରୁ ରୂପେ ଆୟୋଜନ ପାଇଁ ସମସ୍ତ ଜିଲ୍ଲା କଲେକ୍ଟରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଆଦେଶ କ୍ରମେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପ୍ରତ୍ୟେକ ବିଦ୍ୟାଳୟରେ ଜଣେ ଛାତ୍ରଙ୍କୁ ଆତ୍ମନିର୍ଭର ଭାରତ ଆମ୍ବାସାଡର ଭାବରେ ମନୋନୀତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଇଥିଲା ଏବଂ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।। ମାଲକାନଗିରି ଜିଲ୍ଲା ଜୟପୁର ଜୋନରେ ଅନ୍ତର୍ଭୁକ୍ତ ଥିଲା, ଯେଉଁଠାରେ କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି ଏବଂ ନୂଆପଡ଼ା ଜିଲ୍ଲା ମଧ୍ୟ ସାମିଲ ଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଏବଂ ସମସ୍ତ ବ୍ଲକର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ତଦାରଖ କରି ପ୍ରଧାନ ଶିକ୍ଷକ ଗଣଙ୍କୁ ପୂର୍ବ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।

